**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୭୪,୨୪,୨୫୬ | ୬୨,୭୬,୯୦୫ | ୪୭,୨୨,୬୩,୭୫୬ |
| ଭାରତ | ୪,୩୧,୦୫,୪୦୧ | ୫,୨୪,୦୯୩ | ୪,୨୫,୭୦,୯୦୫ |
| ଓଡ଼ିଶା | ୧୨,୮୮,୨୧୦ | ୯୧୨୬(+୫୩) | ୧୨,୭୮,୮୭୭ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଇଏସ୍ଆଇ ଡାକ୍ତରଖାନାରେ ୫୫ ଡାକ୍ତର ନିଯୁକ୍ତ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

- ୫୯ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ନିଯୁକ୍ତି ପାଇଲେ
- ରାଜ୍ୟ ସ୍ୱାସ୍ଥ୍ୟସେବାକୁ ଆଗେଇନେବା ପାଇଁ ଉଦ୍ୟମ ଜାରି ରଖ: ମୁଖ୍ୟମନ୍ତ୍ରୀ

ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ରାଜ୍ୟ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଲୋକମାନଙ୍କୁ କିପରି କମ୍ ଖର୍ଚ୍ଚରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ସେନେଇ ଅନବରତ ଉଦ୍ୟମ ଜାରି ରହିଛି। ସୋମବାର ରାଜ୍ୟ କର୍ମଚାରୀ ବୀମା (ଇଏସ୍ଆଇ) ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନବନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ଆୟୋଜିତ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ରାଜ୍ୟରେ ଥିବା ଇଏସ୍ଆଇ ହସ୍ପିଟାଲରେ ୫୫ ଜଣ ଡାକ୍ତର ଓ ୫୯ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଛନ୍ତି। ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୀମାଭୁକ୍ତ ୮ ଲକ୍ଷ ଲୋକଙ୍କ ପାଇଁ ଏହି ନିଯୁକ୍ତି ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାରେ ଏକ ବଡ଼ ପଦକ୍ଷେପ। କେବିକେ ଏବଂ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ଆର୍ଥିକ ଏବଂ ଅଣଆର୍ଥିକ ପ୍ରୋତ୍ସାହନ ସକାଶେ ନୀତି ଆଣିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଲୋକଙ୍କଠାରୁ ମିଳିଥିବା ମତାମତରୁ ଜଣାପଡ଼ିଛି ଯେ, ୯୨% ଲୋକ ସରକାରୀ ଡାକ୍ତରଖାନାରେ ମିଳୁଥିବା ସ୍ୱାସ୍ଥ୍ୟସେବାକୁ ନେଇ ସନ୍ତୁଷ୍ଟ। ଲୋକମାନେ ଡାକ୍ତରଙ୍କୁ ସେମାନଙ୍କ ଜୀବନରେ ଭଗବାନ ବୋଲି ମାନିଥାଆନ୍ତି। ନୂଆ ନିଯୁକ୍ତି ପାଇଥିବା ଡାକ୍ତରମାନେ ଲୋକଙ୍କ ଆକାଂକ୍ଷା ପୂରଣ କରିବା ସହ ଓଡ଼ିଶାକୁ ଏକ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ରାଜ୍ୟରେ ପରିଣତ କରିବା ପାଇଁ ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ, ରାଜ୍ୟରେ ଆଉ ୪ଟି ଇଏସ୍ଆଇ ହସ୍ପିଟାଲ ଓ ୧୨ଟି ଡିସ୍‌ପେନ୍‌ସାରୀ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଇଏସ୍ଆଇ ହସ୍ପିଟାଲ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ବିଭାଗୀୟ ସଚିବ ଚିତ୍ରା ଅରୁମଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଏସ୍ଆଇ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ନବନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

## ଛାତ୍ରୀଛାତ୍ରଙ୍କ ଅଫ୍‌ଲାଇନ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ

**ଭୁବନେଶ୍ୱର, ୯।୫(ବ୍ୟୁରୋ):** ଏଣିକି ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅଫ୍‌ଲାଇନ ଉପସ୍ଥାନ ବାଧ୍ୟତାମୂଳକ ନୁହେଁ। ଛାତ୍ରୀଛାତ୍ର ଚାହିଁଲେ ଅନ୍‌ଲାଇନ୍‌ରେ କ୍ଲାସ୍ କରିପାରିବେ। ରାଜ୍ୟରେ ଦୁଇଟି ହଷ୍ଟେଲରେ ଛାତ୍ରୀଛାତ୍ର କରୋନା ସଂକ୍ରମଣ ହେବାପରେ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଦୀକ୍ଷା ପୋର୍ଟାଲରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ: ମାର୍କୋସ୍ ଜୁନିୟର ଆଗରେ

**ମାନିଲା,୯।୫:** ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇ ଭୋଟଗଣତି ଜାରି ରହିଛି। ସ୍ଥାନୀୟ ସମୟରାତି ରାତି ୧ଟା ୪୭ ସୁଦ୍ଧା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ଗଣତି ହୋଇଥିବାବେଳେ ଫର୍ଡିନାଣ୍ଡ ମାର୍କୋସ ଜୁନିୟର ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି ଲେନି ରୋବ୍ରେଡୋଙ୍କଠାରୁ ଦୁଇଗୁଣରୁ ଅଧିକ ଭୋଟରେ ଆଗୁଆ ରହି ବଡ଼ ବିଜୟ ଅଭିମୁଖେ ଅଗ୍ରସର ହେଉଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ଫର୍ଡିନାଣ୍ଡ ଇମାନ୍ୟୁଏଲ ଇଡ୍ରାଲିନ ମାର୍କୋସଙ୍କ ପୁଅ ମାର୍କୋସ ଜୁନିୟରଙ୍କୁ ୨୮.୮ ନିୟୁତରୁ ଅଧିକ ଭୋଟ ମିଳିଛି। ସେ ଲେନିଙ୍କଠାରୁ ୧୫ ନିୟୁତ ଭୋଟ ଆଗରେ ଅଛନ୍ତି। ୧୯୮୬ରେ ଏକଚ୍ଛତ୍ରବାଦୀ ଶାସକଙ୍କ ବିରୋଧରେ ବିଦ୍ରୋହର ସୂତ୍ରପାତ ହୋଇଥିଲା ଏବଂ ମାର୍କୋସ୍ ସିନିୟର କ୍ଷମତାରୁ ହଟିଥିଲେ। ୩୬ ବର୍ଷ ପରେ ପୁଣି ଥରେ ମାର୍କୋସ ପରିବାର କ୍ଷମତାକୁ ଫେରିବାକୁ ଯାଉଛନ୍ତି।






## ଏସ୍‌ସିବିରେ ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ

**ରାତି ୧୨ରୁ ପରଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମିଳିବ ଟିକେଟ**

**କଟକ ଅଫିସ,୯।୫:** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲକୁ ଆସୁଥିବା ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଟିକେଟ ପାଇଁ ଆଉ ଲମ୍ବାଧାଡ଼ିରେ ଠିଆ ହେବାକୁ ପଡ଼ିବ ନାହିଁ। ଏଥର ଅନ୍‌ଲାଇନରେ ଟିକେଟ ବୁକିଂ କରିହେବ। ମେଡିକାଲରେ ବର୍ହିବିଭାଗ (ଆଉଟ୍‌ଡୋର) ସକାଶେ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ବ୍ୟବସ୍ଥା ସୋମବାରଠାରୁ ଆରମ୍ଭ ହୋଇଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ଡା. ପ୍ରସେନଜିତ ମହାନ୍ତି ଏହାକୁ ଉଦଘାଟନ କରିଛନ୍ତି। ମଙ୍ଗଳବାରଠାରୁ ଅନ୍‌ଲାଇନ ଟିକେଟ କରିଥିବା ରୋଗୀମାନେ ଡାକ୍ତରଙ୍କୁ ଚିକିତ୍ସା ପାଇଁ ଦେଖାକରିବେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ଅନୁଯାୟୀ ୱେବ୍‌ସାଇଟ୍ www.eswasthya.odisha.gov.inରେ ଲଗ୍ ଇନ୍ କରି ରୋଗୀ ବା ତାଙ୍କ ସମ୍ପର୍କୀୟମାନେ ନାମ ପଞ୍ଜୀକରଣ କରିପାରିବେ। ତେବେ ଉକ୍ତ ୱେବସାଇଟରେ ଅବଶ୍ୟକୀୟ ତଥ୍ୟ ଦାଖଲ କରି ପଞ୍ଜୀକରଣ କରିବାକୁ ପଡ଼ିବ। ଡାକ୍ତରଙ୍କୁ ଦେଖାଇବା ପାଇଁ ପୂର୍ବଦିନ ରାତି ୧୨ଟାରୁ ପରଦିନ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନ୍‌ଲାଇନରେ ଟିକେଟ ବୁକିଂ ଚାଲୁରହିବ। ଯେଉଁମାନେ ମୋବାଇଲରେ ବୁକିଂ କରିଥିବେ ସେମାନଙ୍କୁ ନିଶୁଳ୍କରେ ପ୍ରିଣ୍ଟ ଯୋଗାଇଦେବାକୁ ମଧ୍ୟ ଏକ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରାଯାଇଛି। ତେବେ ଗୋଟିଏ ଦିନରେ କେତେ ବୁକିଂ ହୋଇପାରିବ ସେ ନେଇ ବର୍ତ୍ତମାନ ନିଷ୍ପତ୍ତି ନିଆଯାଇ ନାହିଁ। ଏବେ ପରୀକ୍ଷାମୂଳକ ଭାବେ ଏଭଳି ୧୫ଦିନ ଚାଲିବ। ଏହାପରେ ଅନ୍‌ଲାଇନରେ କେତେ ଟିକେଟ ଉପଲବ୍ଧ ରହିବ ସେ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡ. ଅଭିନାଶ ରାଉତ କହିଛନ୍ତି। ଏଥିସହ ପୂର୍ବ ଭଳି ଅଫ୍‌ଲାଇନରେ ମଧ୍ୟ ଟିକେଟ ବ୍ୟବସ୍ଥା ଚାଲୁ ରହିବା ବୋଲି ସେ ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ତାରିଖ ଏବଂ ଦିନରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଅଗୁଆ ଟିକେଟ କରିବା ବ୍ୟବସ୍ଥା ରହିଛି ବୋଲି ରାଉତ କହିଛନ୍ତି।

## ଭତ୍ତା ସହିତ ଶହେ ଟଙ୍କାର ଗ୍ରୀଷ୍ମକାଳୀନ ସହାୟତା

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ବର୍ଗରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ସ୍ୱରୂପ ଅତିରିକ୍ତ ୧୦୦ ଟଙ୍କା ଲେଖାଏ ପ୍ରଦାନ କରିବାକୁ ରାଜ୍ୟ ସରକାର ସୋମବାର ନିଷ୍ପତ୍ତି ନେଇଛନ୍ତି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଭତ୍ତା ହିତାଧିକାରୀମାନେ ଏହି ସହାୟତା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପାଇବାକୁ ଥିବାବେଳେ ମଧୁବାବୁ ପେନ୍‌ସନ୍‌ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀମାନଙ୍କୁ ଗ୍ରୀଷ୍ମକାଳୀନ ସହାୟତା ବାବଦରେ ଅତିରିକ୍ତ ୧୦୦ ଟଙ୍କା ଚଳିତ ମାସ ୧୫ ତାରିଖ ଦିନ ସେମାନଙ୍କ ନିୟମିତ ଭତ୍ତା ସହିତ ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ପ୍ରକାଶ କରିଛନ୍ତି।




## ୧୦ଦିନରେ ସ୍କୁଲସ୍ତରୀୟ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଘଟଣା**

**ଭୁବନେଶ୍ୱର, ୯।୫(ବ୍ୟୁରୋ):** ରାଜ୍ୟରେ ୪୩ହଜାର ପିଲା ମାଟ୍ରିକ ପରୀକ୍ଷା ଦେଇ ନ ଥିବା ଘଟଣାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ୧୦ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନେ କାହିଁକି ପରୀକ୍ଷାରେ ଅନୁପସ୍ଥିତ ଥିଲେ ତା'ର ସ୍କୁଲସ୍ତରୀୟ ରିପୋର୍ଟ ଦେବାକୁ କୁହାଯାଇଛି। ଚିଠିରେ ଲେଖାଯାଇଛି ଯେ, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ମାଟ୍ରିକ ପରୀକ୍ଷା (ସମେଟିଭ୍ ଆସେସମେଣ୍ଟ-୨)ରେ ୪୩,୪୮୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ଚଳିତବର୍ଷ ଏତେ ପରିମାଣର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିବା ନିଶ୍ଚିତ ଭାବେ ଉଦ୍‌ବେଗର ବିଷୟ। ମୟୂରଭଞ୍ଜ, ଗଞ୍ଜାମ ଓ ବଲାଙ୍ଗୀର ଭଳି ଜିଲାରେ ଏହି ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ସର୍ବାଧିକ ରହିଛି। ଯାହା ଜଣାପଡୁଛି ଏହି ଛାତ୍ରୀଛାତ୍ର ନିଶ୍ଚିତ ଭାବେ ପ୍ରଥମ ସମେଟିଭ୍ ଆସେସମେଣ୍ଟ ପରୀକ୍ଷା ଦେଇଛନ୍ତି ଓ ଫର୍ମ ପୂରଣ ମଧ୍ୟ କରିଛନ୍ତି। ଏହି ପିଲାମାନେ କାହିଁକି ପରୀକ୍ଷା ଦେଲେନି ତା'ର କାରଣ ଖୋଜାଯିବା ଦରକାର। ସ୍କୁଲୱାରି ତଥ୍ୟ ବିଶ୍ଳେଷଣ କଲେ ହିଁ ଏହାର କାରଣ ଜଣାପଡ଼ିବ। ତେଣୁ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ସ୍କୁଲୱାରି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ କାରଣ ସଂକ୍ରାନ୍ତରେ ଆସନ୍ତା ୧୦ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ପଠାଇବାକୁ ସଚିବ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭୁବନେଶ୍ୱରରୁ ବିଶାଖାପାଟଣାକୁ ଉଡ଼ିବ ବିମାନ

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ଭୁବନେଶ୍ୱରରୁ ଭାୟା ଜୟପୁର ଦେଇ ବିଶାଖାପାଟଣାକୁ ବିମାନ ଚଳାଚଳ ହେବ। ଏ ନେଇ ବିଜୁ ପଟ୍ଟନାୟକ ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୯ ସିଟ୍ ବିଶିଷ୍ଟ ବିମାନରେ ଯାତ୍ରୀମାନେ ଯାତ୍ରା କରିବେ। ପ୍ରାଥମିକ ପର୍ଯ୍ୟାୟରେ ବିଡିଂରେ ଇଣ୍ଡିଆନ ଏୟାରଲାଇନ୍ସ ସାମିଲ ହୋଇଛି। ଏଥିପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି ପହଞ୍ଚିଥିବାବେଳେ ଡିଜିସିଏର ଲାଇସେନ୍ସକୁ ଅପେକ୍ଷା କରାଯାଇଛି। ଲାଇସେନ୍ସ ମିଳିଲେ ଖୁବ୍‌ଶୀଘ୍ର ବିମାନ ଉଡ଼ିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା ସଂକ୍ରାନ୍ତରେ ସେ କହିଛନ୍ତି, ଏନେଇ ସତର୍କ ରହିଛୁ। ପାଣିପାଗ ବିଭାଗର ଯୋଗାଯୋଗରେ ରହିଛୁ। ବିମାନବନ୍ଦରର ଏସ୍‌ଓପି ଅନୁଯାୟୀ ଆଗାମୀ ପଦକ୍ଷେପ ନିଆଯିବ। ପବନର ବେଗ ଓ ରନ୍ ୱେରେ ବର୍ଷାଜଳର ପରିମାଣକୁ ଅନୁଧ୍ୟାନ କରି ବାତ୍ୟାଦିନ ବିମାନ ଚଳାଚଳ ନିଷ୍ପତ୍ତି ନିଆଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



